# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**14 April – 2025**

## ଆମ୍ବେଦ୍‌କର ଜୟନ୍ତୀ

ଭାରତୀୟ ସମ୍ବିଧାନର ପ୍ରଣେତା ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଆଜି ୧୩୪ତମ ଜୟନ୍ତୀ ଅବସରରେ ଦେଶ ଶ୍ରଦ୍ଧାସୁମନ ଅର୍ପଣ କରୁଛି । ୧୮୯୧ ମସିହା ଆଜିର ଦିନରେ ବାବାସାହେବ ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିଲେ । ବାବାସାହେବଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଦେଶରେ ଲାଗୁ ହୋଇଥିଲା । ଡକ୍ଟର ଆମ୍ବେଦକର ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଥିଲେ । ଦଳିତ ଏବଂ ପଛୁଆବର୍ଗର ଲୋକମାନଙ୍କର ସ୍ୱାର୍ଥରକ୍ଷା ଏବଂ ସ୍ୱାଭିମାନ ପାଇଁ ବାବାସାହେବଙ୍କର ଅବଦାନ ଅତୁଳନୀୟ । ଏହି ମହାନ୍ ନେତାଙ୍କର ଦେଶପ୍ରେମ ଏବଂ ପଛୁଆବର୍ଗର ଲୋକମାନଙ୍କର ଉତ୍‌ଥାନ ପାଇଁ ନେଇଥିବା ବଳିଷ୍ଠ ପଦକ୍ଷେପ ସ୍ୱରୂପ ୧୯୯୦ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ଦେଶ ଏବଂ ରାଜ୍ୟର ସବୁ ସ୍ତରରେ ଆଜି ବାବାସାହେବଙ୍କର ଜୟନ୍ତୀ ପାଳନ କରାଯାଉଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି ବାବାସାହେବ ତାଙ୍କ ପ୍ରେରଣାଦାୟୀ ଜୀବନରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଏବଂ ନିଜର ଅସାଧାରଣ ସଫଳତା ଦ୍ୱାରା ସମଗ୍ର ବିଶ୍ୱରେ ସମ୍ମାନ ଅର୍ଜନ କରିଥିଲେ । ବାବାସାହେବ ଜଣେ

ଅର୍ଥନୀତିଜ୍ଞ, ସମାଜସେବୀ, ଶିକ୍ଷାବିତ୍, ଆଇନଜୀବୀ ଏବଂ ସମାଜ ସଂସ୍କାରକ ଥିଲେ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଆଜି ସକାଳେ ଭୁବନେଶ୍ୱର ଏଜି ଛକସ୍ଥିତ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ଅତିଥିମାନେ ମାଲ୍ୟାର୍ପଣ କରିବେ । ଆଜି ସଂଧ୍ୟାରେ ଜୟଦେବ ଭବନରେ ଡକ୍ଟର ଭୀମରାଓ ରାମ୍‌ଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେବେ ।

## ମହାବିଷୁବ ସଂକ୍ରାନ୍ତି

ଆଜି ହେଉଛି ପବିତ୍ର ମହାବିଷୁବ ସଂକ୍ରାନ୍ତି । ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମଋତୁ ଆଜିଠାରୁ ଆରମ୍ଭ ହେଉଛି । ଆଜିଠାରୁ ସୂର୍ଯ୍ୟଙ୍କ ତାପ ବଢ଼ିଥାଏ ଏବଂ ବାୟୁର ଗତି ମଧ୍ୟ ପ୍ରଖର ହୋଇଥାଏ । ଆଜି ଦିନକୁ ପଣାସଂକ୍ରାନ୍ତି ଭାବେ ମଧ୍ୟ ପାଳନ କରାଯାଇଥାଏ । ଓଡ଼ିଆ ପାଞ୍ଜି ହିସାବରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ଦିନ ଭାବେ ପାଳନ କରାଯାଇଥାଏ । ରାଜ୍ୟର ଲୋକମାନେ ପଣାସଂକ୍ରାନ୍ତିକୁ ଅତି ନିଷ୍ଠାର ସହ ପାଳନ କରିଥା'ନ୍ତି । ବିଷୁବ ସଂକ୍ରାନ୍ତିରେ ଦଣ୍ଡଯାତ୍ରା, ଚଡ଼କ ପର୍ବ, ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ଏବଂ ପାଟୁଆ ଯାତ୍ରା ଉଦ୍‌ଯାପିତ ହୋଇଥାଏ । ଏହି ଅବସରରେ ଘରେ ଘରେ ଦେବଦେବୀଙ୍କ ପାଖରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି । ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଶ୍ରୀଶ୍ରୀହନୁମାନଙ୍କର ମଧ୍ୟ ଆଜି ଜୟନ୍ତୀ । ଅଗ୍ନି ଓ ବାୟୁର ପ୍ରକୋପରୁ ରକ୍ଷା ପାଇବାପାଇଁ ଏହି ପବିତ୍ର ଦିନରେ ପ୍ରଭୁ ହନୁମାନଙ୍କର ପୂଜା

କରାଯାଇଥାଏ । ଦେଶରେ ପ୍ରଭୁ ଶ୍ରୀଶ୍ରୀହନୁମାନଙ୍କର ଜୟନ୍ତୀକୁ ଭକ୍ତିଭାବରେ ହନୁମାନ ଚାଳିଶା ପାଠ ସହିତ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଉପଲକ୍ଷେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସେ ଓଡ଼ିଶାକୁ ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଛନ୍ତି ।

ଓଡ଼ିଆ ନବବର୍ଷ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଶାର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ସହିତ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ନିମନ୍ତେ ସେ ଆହ୍ୱାନ ଦେଇଛନ୍ତି ।

# ବିଷୁବ ସଂକ୍ରାନ୍ତି

ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସହର ଓ ପୁରପଲ୍ଲୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଦଣ୍ଡନାଚ ଶେଷ ହେବାକୁ ଥିବାବେଳେ ବିଭିନ୍ନ କାଳୀମନ୍ଦିରରେ ମେରୁ ପର୍ବ ପାଳନ କରାଯାଉଛି । ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

# ଶ୍ରୀମନ୍ଦିର ନୀତିକାନ୍ତି

ଆଜି ଉତ୍କଳୀୟ ନବବର୍ଷ ଅବସରରେ ପୁରୀ ଶ୍ରୀମନ୍ଦିରରେ ବିଶେଷ ନୀତିକାନ୍ତି ଅନୁଷ୍ଠିତ ହେଉଛି । ବିଧି ଅନୁଯାୟୀ ସକାଳ ଧୂପ ପରେ ଶ୍ରୀଜଗନ୍ନାଥଙ୍କ ବାଡରୁ ଆଜ୍ଞାମାଳ, ମହାବୀର, ଶ୍ରୀଜଗନ୍ନାଥ ବଲ୍ଲଭ ଏବଂ ଦରିଆ ମହାବୀରଙ୍କ ନିକଟକୁ ବିଜେ କରାଯାଉଛି । ଅନ୍ୟପକ୍ଷରେ ଶ୍ରୀକ୍ଷେତ୍ରର ଜାଗା ଆଖଡାରେ ମହାବୀରଙ୍କ ପୂଜାର୍ଚ୍ଚନା ସହ ପଣା ଓ ଛତୁଆ ଭୋଗ କରାଯିବା ସହ ମଲ୍ଲଯୋଦ୍ଧା ଓ ଯୁବକମାନେ ନୂତନ କୌପୁନି ପରିଧାନ କରି ମାଟିକୁସ୍ତି ସହ ମଲ୍ଲବିଦ୍ୟା ଓ ବ୍ୟାୟାମ କରିବାର ପରମ୍ପରା ରହିଛି ।

# ବିଷୁବ ସଂକ୍ରାନ୍ତି

ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସହର ଓ ପୁରପଲ୍ଲୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଦଣ୍ଡନାଚ ଶେଷ ହେବାକୁ ଥିବାବେଳେ ବିଭିନ୍ନ କାଳୀମନ୍ଦିରରେ ମେରୁ ପର୍ବ ପାଳନ କରାଯାଉଛି । ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

# ଆଇନ୍‌ମନ୍ତ୍ରୀ-କମିଟି ଗଠନ

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ଖୁବ୍‌ଶୀଘ୍ର ଗଠନ କରାଯିବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ପରିଚାଳନା କମିଟି ଗଠନ

ହେବା ପରେ ଧାଡିଦର୍ଶନ, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଓ ରତ୍ନଭଣ୍ଡାର ମରାମତି ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ରାମ୍ପ ବ୍ୟବସ୍ଥା କରିବାକୁ ଏଏସ୍ଆଇ ସହିତ ଆଲୋଚନା ଶେଷ ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।

# ଯୁବ ଚଳଚ୍ଚିତ୍ର ମହୋତ୍ସବ

କଳାହାଣ୍ଡି ଜିଲ୍ଲା ସଦର ବ୍ଲକ ବାଦୋପଲ୍ଲୀଠାରେ ଏକାଦଶ ଅନ୍ତର୍ଜାତୀୟ ଶିଶୁ ଯୁବ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦେଶ ଓ ବିଦେଶର ଅତିଥିମାନେ ମାନବ ଜୀବନରେ ଚଳଚ୍ଚିତ୍ରର ଭୂମିକା ଓ ଶିଶୁମାନଙ୍କ ଉପରେ ଏହାର ପ୍ରଭାବ ବିଷୟରେ ଆଲୋଚନା କରାଯାଇଥିଲା । ଏହି ଉତ୍ସବରେ ୩୦ଟିରୁ ଅଧିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ ବୋଲି ଜଣାପଡିଛି । ଏ ସମ୍ପର୍କରେ ସ୍ମାଇଲ୍ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ଫର୍ ଚିଲ୍‌ଡ୍ରେନ୍ ଆଣ୍ଡ ଯୁଥ୍‌ର ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ର କହିଛନ୍ତି...

**V/O**

# ରାଜଧାନୀ ପ୍ରତିଷ୍ଠା ଦିବସ-ରାଜ୍ୟପାଳ

ବିକଶିତ ଓଡ଼ିଶାର ଆଦର୍ଶ ରାଜଧାନୀ ଭାବେ ଭୁବନେଶ୍ୱରକୁ ଗଢ଼ି ତୋଳିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ଗତକାଲି ରାଜଧାନୀ ପ୍ରତିଷ୍ଠା ଦିବସରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଏହି ଦିନଟି କେବଳ ପ୍ରତିଷ୍ଠାର ଉତ୍ସବ ନୁହେଁ ବରଂ ଏହାର ଯାତ୍ରାକୁ ରୂପ ଦେଇଥିବା ଦୂରଦୃଷ୍ଟିସମ୍ପନ୍ନ ନେତୃବୃନ୍ଦ, ଯୋଜନାକାରୀ, ସ୍ଥପତି ଏବଂ ନାଗରିକଙ୍କ ପ୍ରତି ସମ୍ମାନ ଅଟେ ।

# ସଚେତନତା କାର୍ଯ୍ୟକ୍ରମ

ନୂଆପଡା ଜିଲ୍ଲା ସିନାପାଲି ଥାନା ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି । ସିନାପାଲି ଥାନାଅଧିକାରୀ ରଶ୍ମିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଲିସ ଏବଂ ଜନସାଧାରଣ ମିଳିତଭାବେ ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିପାରିବେ ବୋଲି କହିଛନ୍ତି ।